## ପୂର୍ବତନ କାଉନ୍‌ସିଲର ବିଜେଡିରେ ସାମିଲ

**ଭଦ୍ରକ ଅଫିସ:** ପଞ୍ଚାୟତ ନିର୍ବାଚନ ଭଳି ପୌର ନିର୍ବାଚନ ପୂର୍ବରୁ ବିଜେଡି ପକ୍ଷରୁ ଆରମ୍ଭ ହୋଇଛି ମହାମିଶ୍ରଣ ପର୍ବ। ଭାଜପା ଛାଡ଼ି ବିଜେଡିରେ ମିଶିଛନ୍ତି ଯୁବନେତା ତଥା ଭଦ୍ରକ ପୌରପାଳିକାର ପୂର୍ବତନ କାଉନସିଲର ଘାଉଲି ଜେନା। ସେ ଭଦ୍ରକ ପୌରପାଳିକାର ୧୬ ଏବଂ ୬ ନଂ. ୱାର୍ଡରେ ଦୁଇଥର ଭାଜପା କାଉନସିଲର ଭାବେ ନିର୍ବାଚିତ ହୋଇ ନିଜର ପାରିବା ପଣିଆ ଜାହିର କରି ଆସୁଥିଲେ। ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କ ବାସଭବନରେ ନିଜର ଶତାଧିକ ସମର୍ଥକଙ୍କ ସହ ସେ ବିଜେଡିରେ ସାମିଲ ହୋଇଛନ୍ତି।

## ସଂକ୍ଷେପରେ

### ନାମାଙ୍କନ ଦାଖଲ କଲେ ୨୩ କାଉନ୍‌ସିଲର ପ୍ରାର୍ଥୀ

ବାସୁଦେବପୁର,୬।୩(ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକାର ୨୩ ୱାର୍ଡର କାଉନସିଲର ପଦ ପାଇଁ ରବିବାର ୨୩ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ୧ ନଂ. ୱାର୍ଡରୁ ଦୁଇଜଣ, ୨, ୩, ୪, ୫, ୬, ୭, ୮ ଓ ୯ ନଂ. ୱାର୍ଡରୁ ଜଣେ ଲେଖାଏ, ୧୧ ନଂ. ୱାର୍ଡରୁ ଦୁଇଜଣ, ୧୨, ୧୩ ଓ ୧୪ ନଂ. ୱାର୍ଡରୁ ଜଣେ ଲେଖାଏ, ୧୭ ନଂ. ୱାର୍ଡରୁ ଦୁଇଜଣ, ୧୮ ନଂ. ୱାର୍ଡରୁ ଜଣେ, ୧୯ ନଂ. ୱାର୍ଡରୁ ଦୁଇଜଣ, ୨୨ ନଂ. ୱାର୍ଡରୁ ଦୁଇଜଣ ଓ ୨୩ ନଂ. ୱାର୍ଡରୁ ଜଣେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି।

### ବ୍ରାଉନସୁଗାର ବେପାରୀ ଗିରଫ

ଜଳେଶ୍ୱର,୬।୩(ଡି.ଏନ୍.ଏ): ଓଡ଼ିଶାରୁ ବଂଲାଦେଶ ପର୍ଯ୍ୟନ୍ତ ବ୍ରାଉନସୁଗାର ବ୍ୟବସାୟ ଚଳାଇ ଆସୁଥିବା ଏକଲାଖ ଅଲ୍ଲୀଙ୍କୁ ରବିବାର ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ପୋଲିସ ଗିରଫ କରିଛି। ଆଇଆଇସି ରୋଜାଲିନ ବେହେରା ତାଙ୍କୁ ଧରିବା ପାଇଁ ସହରରେ ଜାଲ ବିଛାଇଥିଲେ। ପରେ ଷ୍ଟେଶନ ବଜାର ବସ୍‌ଷ୍ଟାଣ୍ଡର ଅନତୀଦୂରରେ ଏକଲାଖଙ୍କୁ କାବୁ କରିବାରେ ସଫଳ ହୋଇଥିଲେ। ଗତ ଜାନୁଆରୀ ୨୮ରେ ଏକାଲାଖଙ୍କୁ ଗିରଫ କରିବା ପାଇଁ ସମସ୍ତ ପ୍ରଚେଷ୍ଟା କରାଯାଇଥିଲେ ମଧ ସେ ଖସି ପଳାଇଥିଲେ। ସୂଚନା ଯୋଗ୍ୟ, ଶନିବାର କମର୍ଦ୍ଦା ଅଞ୍ଚଳରେ ବ୍ରାଉନ୍‌ସୁଗାର କାରବାରର ଏକ ଭିଡିଓ ଭାଇରାଲ ସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ରବିବାର ପୋଲିସ ତାଙ୍କୁ ଧରିବାରେ ତତ୍ପରତା ପ୍ରକାଶ କରିଥିଲା।

### କାର୍‌କୁ ଧକ୍କା ଦେଲା ଟ୍ରକ୍

ପାଟଣା, ୬।୩(ସ୍ୱ. ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥ ରେଙ୍ଗାଲ ବେଡା ନିକଟରେ ରବିବାର ଅପରାହ୍ଣରେ ଭାରସାମ୍ୟ ହରାଇ କାର୍ ପଛ ପାର୍ଶ୍ୱରୁ ଏକ ଆଇରନ ବୋଝେଇ ଟ୍ରକ୍ ଧକ୍କା ଦେଇଥିଲା। ଫଳରେ କାର୍‌ରେ ଥିବା ୫ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁଯାୟୀ, କାର୍‌ରେ ୫ ଜଣ ଯାତ୍ରୀ କେନ୍ଦୁଝରରୁ ସିଙ୍ଗଡା ଅଭିମୁଖେ ଫେରୁଥିବା ସମୟରେ ଏକ ଟ୍ରକ୍ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ କାର୍ ଭିତରୁ ଲୋକଙ୍କୁ ଉଦ୍ଧାର କରିଥିଲେ। ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଦୁର୍ଘଟଣା ଗ୍ରସ୍ତ ଦୁଇ ଗାଡିକୁ ଜବତ କରି ତଦନ୍ତ ଚଳାଇଛି।

### ନାବାଳକ ଉଦ୍ଧାର

ଚମ୍ପୁଆ, ୬।୩(ଡି.ଏନ.ଏ.): କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅନ୍ତର୍ଗତ ନୂଆଗାଁ ଠାରେ ଅସୁସ୍ଥ ଅବସ୍ଥାରେ ଥିବା ଜଣେ ନାବାଳକଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ଚମ୍ପୁଆ ଥାନା ଓ ପରେ ଚାଇଲ୍ଡ ଲାଇନକୁ ହସ୍ତାନ୍ତର କରାଯାଇଛି। ସୂଚନା ଅନୁସାରେ ମହେଶ୍ୱରପୁର ଅଞ୍ଚଳର ତ୍ରିନାଥ ମହାନ୍ତ ଜଣେ ନାବାଳକଙ୍କୁ ରାସ୍ତା କଡ଼ରେ ଶୋଇଥିବା ଦେଖି କାରଣ ପଚାରିଥିଲେ ମଧ ନାବାଳକଙ୍କ ଠାରୁ କୌଣସି ଉତ୍ତର ମିଳି ନ ଥିଲା। ପିଲାଟି ଦେହରେ ପୁରୁଣା କ୍ଷତ ଥିବା ସହ ସେ ଅସୁସ୍ଥ ଥିବାରୁ ମହାନ୍ତ ତୁରନ୍ତ ଚମ୍ପୁଆ ଥାନାକୁ ଖବର ଦେଇ ନାବାଳକଙ୍କୁ ଡାକ୍ତରଖାନା ଆଣିଥିଲେ। ସେଠାରେ ତାଙ୍କର ଚିକିତ୍ସା କରାଯିବା ପରେ ପୋଲିସ ଉପସ୍ଥିତିରେ ଚାଇଲ୍ଡ ଲାଇନ ସଦସ୍ୟା ଦମୟନ୍ତୀ ମହାନ୍ତ ଓ ମାଧୁରୀବାଳା ସ୍ୱାଇଁଙ୍କୁ ହସ୍ତାନ୍ତର କରାଯାଇଥିଲା।

### ପାରା ମେଡିକାଲ ଛାତ୍ରୀଙ୍କ ଆତ୍ମହତ୍ୟା
### ସୁଇସାଇଡ୍ ନୋଟ ଜବତ

ପାଟଣା,୬।୩(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ଥାନା ଗୋରାସ ପଞ୍ଚାୟତ କୁଚେଇ ବେଡା ଗାଁ ନିକଟ ହୁଡ଼ିରୁ ଶନିବାର ଜଣେ ପାରା ମେଡିକାଲ ଛାତ୍ରୀଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ଯୁବତୀ ଜଣକ ହେଲେ ପ୍ରିୟଙ୍କା ପ୍ରିୟଦର୍ଶିନୀ ମୁଣ୍ଡା। ସେ ଏକ ପ୍ଲାଷ୍ଟିକ ରଶିରେ ଘର ପଛ ପାର୍ଶ୍ୱ ହୁଡ଼ି ଥିବା କୁସୁମ ଗଛ ଡାଳରେ ଫାଶୀ ଲଗାଇଥିବା ଦେଖିବାକୁ ମିଳିଥିଲା।

ମିଳିଥିବା ସୂଚନା ଅନୁଯାୟୀ, ସେ ଭୁବନେଶ୍ୱରରେ ପାରା ମେଡିକାଲ ପାଠ ପଢୁଥିଲେ। କିଛି ଦିନ ହେବ ଛୁଟିରେ ଘରକୁ ଆସିଥିଲେ। ଶୁକ୍ରବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ପାଠ ପଢୁଥିବା ଘର ଲୋକେ କହିଛନ୍ତି। ମୃତ ଦେହ ନିକଟରୁ ଏକ ସୁଇସାଇଡ୍ ନୋଟ ଜବତ ହୋଇଛି। ଏଦୁନିଆ ଆଉ ଭଲ ଲାଗୁନାହିଁ ବୋଲି ସେ ଉକ୍ତ ଡାଏରୀରେ ଉଲ୍ଲେଖ କରିଛନ୍ତି। ପାଟଣା ପୋଲିସ ଏକ ମାମଲା (ନଂ.୮/୨୨) ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି। ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶନିବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଅଧ୍ୟକ୍ଷ ଆସନ: ବଢୁଛି ଆଶାୟୀ ସଂଖ୍ୟା

**ବାରିପଦା ଅଫିସ, ୬।୩**

ମୟୂରଭଞ୍ଜ ଜିଲା ବାରିପଦା ମ୍ୟୁନିସିପାଲିଟି ଓ ଜିଲା ପରିଷଦ ଅଧ୍ୟକ୍ଷ ପଦବୀ ନେଇ ରାଜନୀତି ଜୋର୍ ଧରିଛି। ଜିଲା ପରିଷଦ ଅଧ୍ୟକ୍ଷ ପାଇଁ ବହୁ ଆଶାୟୀ ଦାବିଦାର ହେଉଥିବା ବେଳେ ମ୍ୟୁନିସିପାଲିଟି ଅଧ୍ୟକ୍ଷ ପଦ ଲାଗି ଆଶାୟୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ରବିବାର ୩ଜଣ ପ୍ରାର୍ଥିପତ୍ର ଦାଖଲ କରିଥିବା ବେଳେ ମୋଟ ୭ ଜଣ ସ୍ୱାଧୀନ ପ୍ରାର୍ଥୀ ମ୍ୟୁନିସିପାଲିଟି ଅଧ୍ୟକ୍ଷ ନିମନ୍ତେ ନାମାଙ୍କନ ଦାଖଲ କରିଛନ୍ତି। ବିଜେଡି ପକ୍ଷରୁ କୃଷ୍ଣାନନ୍ଦ ମହାନ୍ତି ଓ କଂଗ୍ରେସରୁ ଯୋଗେଶ ଅଗ୍ରୱାଲଙ୍କୁ ଟିକେଟ ପ୍ରଦାନ କରାଯାଇଛି। ସେହିପରି ଆମ୍ ଆଦମୀ ପାର୍ଟି ବିଶ୍ୱ ବିଜୟୀ ପଣ୍ଡାଙ୍କୁ ପ୍ରାର୍ଥୀ କରାଇଛି। ତେବେ ଭାଜପା, ଜେଏମ୍ଏମ୍ ଓ ସିପିଆଇ ପକ୍ଷରୁ ଏଯାଏ ପ୍ରାର୍ଥୀ ଘୋଷଣା କରାଯାଇ ନାହିଁ। ସେହିପରି ୨୮ ୱାର୍ଡରେ କାଉନସିଲର ପାଇଁ ରବିବାର ୧୭ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିବା ବେଳେ ଏବେସୁଦ୍ଧା ମୋଟ ୨୩ ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି।

ଜିଲାରେ ଥିବା ୨୬ ବ୍ଲକ ଅଧ୍ୟକ୍ଷ, ଜିଲା ପରିଷଦ ଅଧ୍ୟକ୍ଷ ଓ ପୌରାଧ୍ୟକ୍ଷ ଆସନକୁ ନେଇ ବିଜେଡି ପକ୍ଷରୁ ରଣନୀତି ଜାରି ରହିଛି। ବହୁମତ ହାସଲ କରିଥିବା ଜିଲା ପରିଷଦ ଆସନରେ ୫୬ରୁ ୫୩ ଆସନ ଦଳ ହାତେଇଥିବାରୁ ବିଜେଡି ଦଖଲରେ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ଆସନ ସୁରକ୍ଷିତ ରହିଛି। ଉକ୍ତ ଆସନରେ ନିର୍ବାଚିତ ପ୍ରାର୍ଥୀଙ୍କ ମଧ୍ୟରୁ ଅନେକ ଆଶାୟୀ ରହିଥିବା ବେଳେ ଦାବିଦାର ନିମନ୍ତେ କେହି ମୁହଁ ଖୋଲୁ ନାହାନ୍ତି। ଦଳକୁ ସୁସଙ୍ଗଠିତ କରି ବିପୁଳ ବିଜୟ ହାସଲ କରିଥିବା ମୟୂରଭଞ୍ଜ ଜିଲା ପର୍ଯ୍ୟବେକ୍ଷକ ପ୍ରଣବ ପ୍ରକାଶ ଦାସଙ୍କ ଗୋଟି ଚାଳନାକୁ ସମସ୍ତେ ପ୍ରଶଂସା କରିଛନ୍ତି। ତେବେ ଦଳର ନିଷ୍ପତ୍ତିକୁ ନେଇ ପ୍ରାର୍ଥୀମାନେ ଆଶା ଓ ଆଶଙ୍କା ମଧ୍ୟରେ ରହିଛନ୍ତି। ସେହିପରି ଜିଲାରେ ପୌରାଧ୍ୟକ୍ଷ ଆସନ ପାଇଁ ବିଜେଡି ପକ୍ଷରୁ ପ୍ରାର୍ଥୀ ଘୋଷଣା କରାଯାଇଥିବା ବେଳେ ୱାର୍ଡ କାଉନସିଲର ପ୍ରାର୍ଥୀ ଘୋଷଣା ବାକି ରହିଛି। ଅସନ୍ତୁଷ୍ଟ ଗୋଷ୍ଠୀକୁ ମନାଇବାକୁ ଦଳ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ବିଜେଡିରୁ ଆଶାୟୀଙ୍କ ଲମ୍ବା ତାଲିକା ରହିଥିବାରୁ ଟିକଟରୁ ବଞ୍ଚିତ ପ୍ରାର୍ଥୀମାନେ ଦଳ ପରିବର୍ତ୍ତନ କରି ଅଧ୍ୟକ୍ଷ ଓ କାଉନସିଲର ପ୍ରାର୍ଥୀ ହେବା ନେଇ କର୍ମୀ ମହଲରେ ଚର୍ଚ୍ଚା ହେଉଛି। ବରିଷ୍ଠ ଓ ପୂର୍ବତନ ନଗରପାଳ ଥିବା ପ୍ରାର୍ଥୀମାନେ ସ୍ୱାଧୀନ ଭାବେ ଲଢ଼ିବାକୁ ଅଣ୍ଟା ଭିଡ଼ିଛନ୍ତି। ପ୍ରାର୍ଥୀଙ୍କ ସଂଖ୍ୟା ବୃଦ୍ଧି ପାଇଲେ ଭୋଟରଙ୍କ ନିଷ୍ପତ୍ତିରେ ପରିବର୍ତ୍ତନ ଘଟିପାରେ ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି। ତେବେ ପ୍ରାର୍ଥୀ ବାଛିବାରେ ଭାଜପାକୁ ସୁଯୋଗ ନ ଦେବା ପାଇଁ ବିଜେଡି ପକ୍ଷରୁ ୱାର୍ଡ କାଉନସିଲର ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇନାହିଁ। ଏପରି ସ୍ଥଳେ ଉପଯୁକ୍ତ ପ୍ରାର୍ଥୀ ଚୟନ କରି ପୌର ନିର୍ବାଚନରେ ସଫଳତା ଆଣିବାକୁ ଭାଜପା ପକ୍ଷରୁ ପ୍ରୟାସ ଜାରି ରହିଛି।

## ଅଧ୍ୟକ୍ଷ ପାଇଁ ବିଜେଡିରୁ ନିର୍ବାଚନ ଲଢ଼ିବେ ରଞ୍ଜିତା

**ଉଦଳା,୬।୩(ଡି.ଏନ.ଏ.)**


ରଞ୍ଜିତା ବାନାର୍ଜୀ

ମୟୂରଭଞ୍ଜ ଜିଲା ଉଦଳା ଏନ୍‌ଏସିର ଅଧ୍ୟକ୍ଷ ପ୍ରାର୍ଥୀ ଭାବେ ବିଜେଡି ପକ୍ଷରୁ ରଞ୍ଜିତା ବାନାର୍ଜୀ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ରଞ୍ଜିତା ହେଲେ ବିଜେଡି କର୍ମୀ ସୁବଳ ବାନାର୍ଜୀଙ୍କ ସ୍ତ୍ରୀ। ସୁବଳ ଦୀର୍ଘଦିନ ଧରି ବିଜେଡି ସହ ଜଡ଼ିତ ହୋଇ ରହିଥିବା ବେଳେ ଦଳର ଜଣେ ସକ୍ରିୟ କର୍ମୀ। ଦଳ ପକ୍ଷରୁ ପ୍ରାର୍ଥୀ ଭାବେ ରଞ୍ଜିତାଙ୍କ ନାମ ଘୋଷଣା କରାଯାଇଛି। ସୋମବାର ନାମାଙ୍କନ ଦାଖଲର ଶେଷଦିନ ରହିଥିବା ବେଳେ ରଞ୍ଜିତା ପ୍ରାର୍ଥିପତ୍ର ଦାଖଲ କରିବେ ବୋଲି ଜଣାଯାଇଛି। ତେବେ ଏବେ ସୁଦ୍ଧା ସ୍ୱାଧୀନ ପ୍ରାର୍ଥୀ ଭାବେ ଭାଜପାର ନାରୀନେତ୍ରୀ ପ୍ରମିଳା ପଣ୍ଡା ଏନ୍‌ଏସି ଚେୟାରମ୍ୟାନ ନିମନ୍ତେ ନିର୍ବାଚନ ଲଢ଼ିବାକୁ ନାମାଙ୍କନ ଦାଖଲ କରିଥିବା ବେଳେ ବିଜେଡି ପ୍ରାର୍ଥୀ ଘୋଷଣା କରିଛି। ହେଲେ ଭାଜପା ପକ୍ଷରୁ ଏଯାଏ ପ୍ରାର୍ଥୀ ଘୋଷଣା କରାଯାଇ ନାହିଁ।

# 'ଦୁର୍ନୀତି ହେବ ମୁଖ୍ୟ ପ୍ରସଙ୍ଗ'



ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ କର୍ମକର୍ତ୍ତା।

**ଜଳେଶ୍ୱର.୬।୩(ଡି.ଏନ.ଏ.)**

**ଜଳେଶ୍ୱର ମ୍ୟୁନିସିପାଲିଟି କଂଗ୍ରେସର ପ୍ରାର୍ଥୀ ତାଲିକା ଘୋଷିତ**

ପୌର ପରିଷଦ ନିର୍ବାଚନ ଲାଗି ବିଭିନ୍ନ ରାଜନୈତିକ ଦଳ ଓ ଭୋଟରଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହେଉଛି। ରାଜନୈତିକ ଦଳଗୁଡ଼ିକ ସେମାନଙ୍କ ପ୍ରାର୍ଥୀ ତାଲିକା ଘୋଷଣା କରିବାରେ ବ୍ୟସ୍ତ ଥିବା ବେଳେ ଭୋଟରଙ୍କ ମନ ଜିଣିବା ଲାଗି ବିଭିନ୍ନ କୌଶଳ ଆରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲା ଜଳେଶ୍ୱର କଂଗ୍ରେସ ପକ୍ଷରୁ ରବିବାର ସ୍ଥାନୀୟ ଶୋଭା କଲ୍ୟାଣମଣ୍ଡପ ନିକଟରେ ଏକ ଖବରଦାତା ସମ୍ମିଳନୀ କରାଯାଇ ୧୭ଟି ୱାର୍ଡ ମଧ୍ୟରୁ ୧୬ଟି ଏବଂ ଚେୟାରମ୍ୟାନ ପ୍ରାର୍ଥୀଙ୍କ ନାମ ଟାଉନ୍ କଂଗ୍ରେସ ସଭାପତି ଗିରିଜା ଶଙ୍କର ଦାସ ଘୋଷଣା କରିଛନ୍ତି। ରିଆଜ ଖାଁଙ୍କୁ ଚେୟାରମ୍ୟାନ ପ୍ରାର୍ଥୀ କରାଯାଇଥିବା ବେଳେ ୧ନଂ. ୱାର୍ଡରୁ ମନଫରଜା ବେଗମ୍, ୨ନଂ.ରୁ ସୌଭିକ୍ ଜେନା, ୩ନଂ. ଅଶ୍ୱିନା ବିବି, ୪ନଂ. ମଲ୍ଲିକା ଖାତୁନ, ୫ନଂ.ମମତା ଚନ୍ଦ, ୭ନଂ.ମହମ୍ମଦ ୱାଇଡ୍ ଖାଁ, ୮ନଂ. ଲକ୍ଷ୍ମୀଧର ସାମଲ, ୯ନଂ.ଅମୂଲ୍ୟ ସେନାପତି, ୧୦ନଂ. ଅଞ୍ଜନ ଜେନା, ୧୧ନଂ. ପ୍ରତିମା ଦାସ ମହାପାତ୍ର, ୧୨ନଂ. ଭାଗବତ ପରିଡ଼ା, ୧୩ନଂ. କବିତା ଭଞ୍ଜ, ୧୪ନଂ. ରୁପାବାଣି ଗିରି, ୧୫ନଂ.ସୀତା ହେମ୍ବ୍ରମ, ୧୬ନଂ. ଖାଡେଶ୍ୱର ମାରାଣ୍ଡି, ୧୭ନଂ.ୱାର୍ଡରୁ ରଶ୍ମି ନନ୍ଦୀ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ଘୋଷଣା କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ରାଜ୍ୟ ମୁଖପାତ୍ର ସୁଦର୍ଶନ ଦାସ, ଜିଲା ସାଧାରଣ ସମ୍ପାଦକ ହେମନ୍ତ ଗିରି ପ୍ରମୁଖ ଉପସ୍ଥିତ ରହି ଦୀର୍ଘ ୪ବର୍ଷ ହେଲା ପୌରାଞ୍ଚଳରେ ଅଫିସର ରାଜ ଚାଲିଥିବା ବେଳେ ବହୁ ଦୁର୍ନୀତି ହୋଇଥିବା ଅଭିଯୋଗ କରିଥିଲେ। ଏହି ଦୁର୍ନୀତିକୁ ପ୍ରସଙ୍ଗ କରି ଦଳ ନିର୍ବାଚନ ଲଢ଼ିବ ବୋଲି ଉପସ୍ଥିତ କଂଗ୍ରେସ କର୍ମକର୍ତ୍ତା ପ୍ରକାଶ କରିଥିଲେ।

## ପୌରାଧ୍ୟକ୍ଷ ପ୍ରାର୍ଥୀ ଘୋଷଣା କଲା କଂଗ୍ରେସ

**ବାଲେଶ୍ୱର ଅଫିସ,୬।୩**

ବାଲେଶ୍ୱର ଜିଲାରେ ଥିବା ୩ଟି ପୌରାଞ୍ଚଳ ଓ ଗୋଟିଏ ଏନ୍‌ଏସିର ଅଧ୍ୟକ୍ଷ ପଦ ପାଇଁ ପ୍ରାର୍ଥୀଙ୍କ ନାମ ରବିବାର ଜିଲା କଂଗ୍ରେସ କମିଟି ସଭାପତି ସଞ୍ଜିବ ଗିରି ଘୋଷଣା କରିଛନ୍ତି। ବାଲେଶ୍ୱର ପୌରାଞ୍ଚଳ ପାଇଁ ପ୍ରଜ୍ଞା ପାରମିତା ବିଶ୍ୱାଳ, ଜଳେଶ୍ୱର ପାଇଁ ରିଆଜ ଖାନ, ସୋର ପାଇଁ ସନ୍ଦୀପ ସେଠୀ ଓ ନୀଳଗିରି ଏନ୍‌ଏସି ପାଇଁ ଛବିରାଣୀ ସେଠୀଙ୍କ ନାମ ଘୋଷଣା କରାଯାଇଛି। ରେମୁଣା ଏନ୍‌ଏସିର ଅଧ୍ୟକ୍ଷ ପଦ କାହାରି ନାମ ଘୋଷଣା କରାଯାଇନାହିଁ। ଅନ୍ୟପକ୍ଷରେ ଭାଜପା ଓ ବିଜେଡି ପକ୍ଷରୁ ମଧ ଅଧ୍ୟକ୍ଷ ପଦ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇ ନାହିଁ।

## ବିଜେଡି ଛାଡ଼ିଲେ ଅମିତା

**ଭଦ୍ରକ ଅଫିସ, ୬।୩**

ଭଦ୍ରକର ସାମାଜିକ କର୍ମୀ ତଥା ବିଜେଡି ସାଧାରଣ ସମ୍ପାଦିକା ଅମିତାବାଳା ଆଚାର୍ଯ୍ୟ ରବିବାର ଦଳ ଛାଡ଼ି କଂଗ୍ରେସରେ ଯୋଗ ଦେଇଛନ୍ତି। କଂଗ୍ରେସର ଦଳୀୟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ମିଶ୍ରଣପର୍ବରେ ସେ ବିଧିବଦ୍ଧ ଭାବେ କଂଗ୍ରେସରେ ଯୋଗ ଦେଇଥିବା ଘୋଷଣା କରିଛନ୍ତି। କଂଗ୍ରେସର ନୀତି ଆଦର୍ଶକୁ ସମ୍ମାନ ଜଣାଇ ସେ ଦଳ ପକ୍ଷରୁ ପୌରାଧ୍ୟକ୍ଷା ପାଇଁ ପ୍ରାର୍ଥିପତ୍ର ଦାଖଲ କରିବେ ବୋଲି ଘୋଷଣା କରାଯାଇଛି।

## ୧୩୧ କାଉନ୍‌ସିଲର, ୭ ଅଧ୍ୟକ୍ଷ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ

**ବାଲେଶ୍ୱର ଅଫିସ/ସୋର, ୬।୩ (ଡି.ଏନ.ଏ.)**

**ବାଲେଶ୍ୱର ଜିଲା ପୌର ପରିଷଦ ନିର୍ବାଚନ**

ବାଲେଶ୍ୱର ଜିଲାରେ ଥିବା ୩ଟି ପୌରାଞ୍ଚଳ ଓ ୨ଟି ଏନ୍‌ଏସି ନିର୍ବାଚନ ପାଇଁ ରବିବାର ପଞ୍ଚମ ଦିନ ଶେଷ ସୁଦ୍ଧା ମୋଟ୍ ୧୩୧ଜଣ କାଉନ୍‌ସିଲର ପ୍ରାର୍ଥୀ ଏବଂ ଅଧ୍ୟକ୍ଷ ପଦ ପାଇଁ ୭ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

ବାଲେଶ୍ୱର ପୌରାଞ୍ଚଳରୁ କାଉନ୍‌ସିଲର ପାଇଁ ୨୫ଜଣ ଓ ଅଧ୍ୟକ୍ଷ ପଦ ପାଇଁ ଜଣେ, ଜଳେଶ୍ୱର ପୌରାଞ୍ଚଳରୁ କାଉନସିଲର ପାଇଁ ୧୪ ଜଣ, ସୋର ପୌରାଞ୍ଚଳରୁ କାଉନ୍‌ସିଲର ପାଇଁ ୩୫ଜଣ ଓ ଅଧ୍ୟକ୍ଷ ପାଇଁ ୨ଜଣ, ରେମୁଣା ଏନ୍‌ଏସିରୁ କାଉନସିଲର ପାଇଁ ୭ ଜଣ ଏବଂ ନୀଳଗିରି ଏନ୍‌ଏସିରୁ କାଉନ୍‌ସିଲର ପାଇଁ ୨୬ ଜଣ ଓ ଅଧ୍ୟକ୍ଷ ପାଇଁ ୩ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ମୋଟ୍ ଉପରେ ପଞ୍ଚମ ଦିନ ସୁଦ୍ଧା ବାଲେଶ୍ୱର ପୌରାଞ୍ଚଳରୁ ଅଧ୍ୟକ୍ଷ ପାଇଁ ଜଣେ, ସୋରରୁ ୩ଜଣ, ନୀଳଗିରି ଏନ୍‌ଏସିରୁ ୩ଜଣ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ କାଉନ୍‌ସିଲର ପାଇଁ ବାଲେଶ୍ୱର ପୌରାଞ୍ଚଳରୁ ୩୫ ଜଣ, ରେମୁଣା ଏନ୍‌ଏସିରୁ ୭ଜଣ, ଜଳେଶ୍ୱର ପୌରାଞ୍ଚଳରୁ ୧୬ ଜଣ, ସୋର ପୌରାଞ୍ଚଳରୁ ୪୯ ଓନୀଳଗିରି ଏନ୍‌ଏସିରୁ ୩୧ଜଣ ନାମାଙ୍କନ ପତ୍ର ଦାଖଲ କରିସାରିଛନ୍ତି। ଅନ୍ୟପକ୍ଷରେ ରବିବାର ବାଲେଶ୍ୱର ପୌର ପରିଷଦ ଅଧ୍ୟକ୍ଷ ପାଇଁ ସୁଚିସ୍ମିତା ପଣ୍ଡା, ରଶ୍ମିରେଖା ଦେବ ଓ ସବିତା ସାହୁ ନାମାଙ୍କନ ପତ୍ର କିଣିଥିବା ବେଳେ ମୋଟ୍ ୨୬ଜଣ ବିଭିନ୍ନ ୱାର୍ଡ଼ର କାଉନ୍‌ସିଲର ପଦ ପାଇଁ ନାମାଙ୍କନ ପତ୍ର କିଣିଥିବା ପୌର ନିର୍ବାଚନ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ ସୂଚନା ଦେଇଛନ୍ତି।

## ଅଧ୍ୟକ୍ଷ ପ୍ରାର୍ଥୀ ଘୋଷଣା କଲେ ୩ ପ୍ରମୁଖ ଦଳ

**ଯୋଡ଼ା,୬।୩(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକା ନିର୍ବାଚନ ପାଇଁ ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିଛନ୍ତି। ଭାଜପାରୁ ସୁଶାନ୍ତ କୁମାର ବେବର୍ତ୍ତା, କଂଗ୍ରେସରୁ କରୁଣାକର ପାତ୍ର ଓ ବିଜେଡିରୁ ଡା.ଜଗଦୀଶ ଚନ୍ଦ୍ର ସାହୁ ଅଧ୍ୟକ୍ଷ ପଦ ଲାଗି ପ୍ରତିଦ୍ୱନ୍ଦ୍ୱିତା କରିବେ। ସୁଶାନ୍ତ ବର୍ତ୍ତମାନ ଭାଜପାର ଯୋଡ଼ା ନଗର ସଭାପତି ଭାବେ କାର୍ଯ୍ୟ ତୁଲାଉଛନ୍ତି। ସେହିପରି କଂଗ୍ରେସ ପକ୍ଷରୁ ଟିକେଟ ପାଇଥିବା କରୁଣାକର ଯୋଡ଼ା ପାତ୍ରତନ୍ତୀ କଲ୍ୟାଣ ସମିତିର ସଭାପତି କାର୍ଯ୍ୟ ତୁଲାଉଛନ୍ତି। ଶାସକ ବିଜେଡି ପକ୍ଷରୁ ଯୋଡ଼ା ଅଧ୍ୟକ୍ଷ ପଦ ପାଇଁ ଟିକେଟ ପାଇଥିବା ଡା.ସାହୁ ଦୀର୍ଘ ୩୦ବର୍ଷ ଧରି ଡାକ୍ତର ଭାବେ କାର୍ଯ୍ୟ କରି ୨୦୨୦ରେ ଅବସର ଗ୍ରହଣ କରିଥିଲେ। ବିଜେଡି ପକ୍ଷରୁ ବହୁ ଆଶାୟୀ ପ୍ରାର୍ଥୀ ଥିବାବେଳେ ନାମାଙ୍କନ ପତ୍ର ଦାଖଲର ଅନ୍ତିମ ଦିନ ପୂର୍ବରୁ ସମସ୍ତ କଳ୍ପନା ଜଳ୍ପନାର ଅନ୍ତ ଘଟାଇ ବିଜେଡି ତାଙ୍କ ଉପରେ ଆସ୍ଥା ପ୍ରକଟ କରିଛି। ଏନେଇ ଅଧ୍ୟକ୍ଷ ପ୍ରାର୍ଥୀ ଡା ସାହୁ, ଜିଲା ସମ୍ପାଦକ ବାବୁଲାଲ ସାହୁ, ବିଜେଡି ସଂଗଠକ ସୁଶାନ୍ତ କୁମାର ବାରିକ, ଶୈଳେନ୍ଦ୍ର ଜୋରା ପ୍ରମୁଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ରାଜନୀତିରେ ସେ ନୂତନ ଭାବେ ଯୋଗ ଦେଇଥିଲେ ହେଁ ଲୋକଙ୍କ ଆସ୍ଥାଭାଜନ ହେବେ ବୋଲି ଡା. ସାହୁ କହିଛନ୍ତି। ଭାଜପା ପକ୍ଷରୁ ପ୍ରାର୍ଥୀ ବେବର୍ତ୍ତା କହିଛନ୍ତି ଯେ, ତାଙ୍କର ନିର୍ମଳ ଭାବମୂର୍ତ୍ତି ଏବଂ ଜନସମ୍ପର୍କ ନିର୍ବାଚନରେ ସହାୟକ ହେବ। ଅତୀତରେ କଂଗ୍ରେସର ଗଡ଼ ଥିବା ଯୋଡ଼ା ପୌରପାଳିକାରେ ଦଳ ପୁଣି ତାର ପୂର୍ବ ସ୍ଥିତିକୁ ଫେରିଆସିବ। ଦଳ ପକ୍ଷରୁ ଅଧ୍ୟକ୍ଷ ପଦ ପାଇଁ ଟିକେଟ ପାଇଥିବା କରୁଣାକର ଅତୀତରେ ନଗର ପାଳ ଥିବାବେଳେ ବହୁ ଉନ୍ନତିମୂଳକ କାର୍ଯ୍ୟ କରିଥିଲେ। ଏହା ଭୋଟରମାନଙ୍କ ଠାରେ ତାଙ୍କୁ ଆସ୍ଥାଭାଜନ କରିବ ବୋଲି ସେ କହିଛନ୍ତି।

# ଯୌତୁକ ପାଇଁ ନିଆଁରେ ପୋଡ଼ି ହତ୍ୟା ଅଭିଯୋଗ

**ବାସୁଦେବପୁର,୬।୩(ଡି.ଏନ.ଏ.)**

■ସାଇଣ୍ଟିଫିକ ଟିମ୍‌ର ତଦନ୍ତ
■ସ୍ୱାମୀ, ସାବତ ଶାଶୁ ଗିରଫ

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବ୍ରାହ୍ମଣଗାଁ ପଞ୍ଚାୟତ କ୍ଷେମେଶ୍ୱରପୁର ଗ୍ରାମରେ ଯୌତୁକ ପାଇଁ ଜଣେ ନବବଧୂଙ୍କୁ ନିଆଁରେ ପୋଡ଼ି ହତ୍ୟା କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ମୃତ ମହିଳା ହେଲେ ମୀନତି ଦାସ(୨୩)। ତାଙ୍କ ଭାଇ ଲକ୍ଷ୍ମୀଦାସପୁର ପଞ୍ଚାୟତ ମାନଗଡ଼ ଗ୍ରାମର ଗୋପାଳ ଚରଣ ସାହୁଙ୍କ ଅଭିଯୋଗ କ୍ରମେ ବାସୁଦେବପୁର ଥାନାରେ ମାମଲା(ନଂ.୯୫/୨୨) ରୁଜୁ କରାଯାଇଛି। ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ କେତେକ ପୋଡ଼ା ସାମଗ୍ରୀ ଜବତ କରିଛି। ଏହି ଘଟଣାରେ ପୋଲିସ ମୃତ ମୀନତିଙ୍କ ସ୍ୱାମୀ ଦୟାନିଧି ଦାସ ଓ ସାବତ ଶାଶୁ ବନ୍ଦନା ଦାସଙ୍କୁ ଗିରଫ କରିଛି। ଗୋପାଳ ଏତଲାରେ ଉଲ୍ଲେଖ କରିଛନ୍ତି ଯେ, ୨୦୨୧ ଜୁନ୍ ୨୫ରେ ମୀନତିଙ୍କର ଦୟାନିଧିଙ୍କ ସହ ବୈଦିକ ରୀତିରେ ବିବାହ ହୋଇଥିଲା। ପରେ ଅଧିକ ଯୌତୁକ ପାଇଁ ମୀନତିଙ୍କୁ ସ୍ୱାମୀ ଦୟାନିଧି ଓ ସାବତ ଶାଶୁ ବନ୍ଦନା ନିର୍ଯାତନା ଦେଇଆସୁଥିଲେ। ଶନିବାର ଗୁରୁତର ଅବସ୍ଥାରେ ମୀନତିଙ୍କୁ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ବିଳମ୍ବିତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସ୍ୱାମୀ ଓ ସାବତ ଶାଶୁ ମୀନତିଙ୍କ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିବା ଗୋପାଳ ଅଭିଯୋଗ କରିଛନ୍ତି।

## ୫୯ କାଉନସିଲର, ୩ ପୌରାଧ୍ୟକ୍ଷ ପ୍ରାର୍ଥିପତ୍ର ଦାଖଲ

**ଭଦ୍ରକ ଅଫିସ, ୬।୩**

ଭଦ୍ରକ ପୌରପାଳିକା ନିର୍ବାଚନ ପାଇଁ ରବିବାର ସର୍ବାଧିକ ପ୍ରାର୍ଥିପତ୍ର ଦାଖଲ ହୋଇଛି। ୩ ଜଣ ପୌରାଧ୍ୟକ୍ଷ ପଦ ଓ ୫୯ଜଣ କାଉନସିଲର ପାଇଁ ନାମାଙ୍କନ ଦାଖଲ କରିଛନ୍ତି। ପୌରାଧ୍ୟକ୍ଷ ପାଇଁ ଗୁଲମୁଖୀ ଦଲୱାଜି, ଗୀତାଞ୍ଜଳି ପଡ଼ିଆରୀ ଓ ସବ୍‌ନା ପରଭିନ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ରବିବାର ସୁଦ୍ଧା ମୋଟ ୭୩ ପ୍ରାର୍ଥୀ କାଉନସିଲର ଓ ୪ଜଣ ପୌରାଧ୍ୟକ୍ଷ ପାଇଁ ନାମାଙ୍କନ ପତ୍ର ଦାଖଲ କରିଥିବା ଜଣାଯାଇଛି।

## ଭାଜପାରୁ ପୁଷ୍ପାଞ୍ଜଳି ପୌରାଧ୍ୟକ୍ଷ ପ୍ରାର୍ଥୀ

**ବାସୁଦେବପୁର,୬।୩(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକା ଅଧ୍ୟକ୍ଷ ପଦ ପାଇଁ ଭାଜପାରୁ ପୁଷ୍ପାଞ୍ଜଳି ମହାପାତ୍ର ପ୍ରାର୍ଥୀ ହୋଇଛନ୍ତି। ସେ ହେଉଛନ୍ତି ସାମାଜିକ କର୍ମୀ ତଥା ବରିଷ୍ଠ ଖବରଦାତା କିଶୋର କୁମାର ମହାପାତ୍ରଙ୍କ ସ୍ତ୍ରୀ। ବାସୁଦେବପୁର ସହରର ହନୁମାନ ମନ୍ଦିର ପଡ଼ିଆରୁ ପୁଷ୍ପାଞ୍ଜଳି ପ୍ରାର୍ଥୀପତ୍ର ଦାଖଲ ପାଇଁ ଶୋଭାଯାତ୍ରାରେ ବାହାରିଥିଲେ। ଭାଜପା ପକ୍ଷରୁ ଆୟୋଜିତ ଏହି ଶୋଭାଯାତ୍ରାରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମାଧବାନନ୍ଦ ମଲିକ, ଜିଲା ମହିଳା ମୋର୍ଚ୍ଚା ସଭାପତି ହରପ୍ରିୟା ସାହୁ, ଜିଲା ଉପସଭାପତି ଉଦୟ ନାରାୟଣ ମଲିକ, ପୂର୍ବତନ ଉପନଗରପାଳ ଗଦାଧର ପଲେଇ, ରବିନାରାୟଣ ଦାସ, ପୂର୍ବତନ ନଗରପାଳ ପଞ୍ଚାନନ ସେନାପତି, ପୂର୍ବତନ କାଉନସିଲର ଭଗବାନ ମହାନ୍ତି, ସାମାଜିକ କର୍ମୀ କିଶୋର ମହାପାତ୍ର, ମଧୁସୂଦନ ପାଢ଼ୀ, ଉମାକାନ୍ତ ଖୁଣ୍ଟିଆ, ଜିଲା କୋଷାଧ୍ୟକ୍ଷ ଜୟପ୍ରକାଶ ମଲିକ, ସନ୍ତୋଷ ମହାନ୍ତି, ସୁଶାନ୍ତ ବେହେରା ପ୍ରମୁଖ ସାମିଲ ହୋଇଥିଲେ। ନିର୍ବାଚନ ଅଧିକାରୀ ତଥା ତହସିଲଦାର ଅନୀତା ନାୟକଙ୍କ ନିକଟରେ ପୁଷ୍ପାଞ୍ଜଳି ନାମାଙ୍କନ ଦାଖଲ କରିଥିଲେ। ବିଭିନ୍ନ ୱାର୍ଡରୁ କାଉନସିଲର ପଦବୀ ପାଇଁ ଭାଜପାରୁ ପ୍ରାର୍ଥୀମାନେ ମଧ ଶୋଭାଯାତ୍ରାରେ ସାମିଲ ଥିଲେ।


ପୌରାଧ୍ୟକ୍ଷ ପ୍ରାର୍ଥିନୀ ପୁଷ୍ପାଞ୍ଜଳି ମହାପାତ୍ର ଅନ୍ୟ ପ୍ରାର୍ଥୀଙ୍କ ସହ ନାମାଙ୍କନ ଦାଖଲ କରିବାକୁ ଯାଉଛନ୍ତି।

# ଦାବି ପୂରଣ ନ ହେଲେ ଆନ୍ଦୋଳନ

**୯ନଂ. ୱାର୍ଡ ରାସ୍ତା ସମ୍ପ୍ରସାରଣ ଲାଗି ସ୍ଥାନୀୟ ଲୋକଙ୍କ ମେଳି**

**ବାଲେଶ୍ୱର ଅଫିସ,୬।୩**



ରାସ୍ତା ପାଇଁ ଏକାଠି ହୋଇଥିବା ଲୋକେ।

ବାଲେଶ୍ୱର ପୌରାଞ୍ଚଳର ୯ନଂ. ୱାର୍ଡ ଅଞ୍ଚଳରେ ଥିବା ଅଣ ଓସାରିଆ ରାସ୍ତାର ସମ୍ପ୍ରସାରଣ ଲାଗି ଏକାଠି ହୋଇଛନ୍ତି ଲୋକେ। ତୁରନ୍ତ ଦାବି ପୂରଣ ନ ହେଲେ ଆନ୍ଦୋଳନ କରିବେ ବୋଲି ସ୍ଥାନୀୟ 'ଜନଜାଗରଣ ସମିତି' ପକ୍ଷରୁ ଚେତାବନୀ ଦିଆଯାଇଛି। ପୋଲିସ ହାଇସ୍କୁଲଠାରୁ ସେଣ୍ଟ୍ରାଲ ସ୍କୁଲ ଛକ ପର୍ଯ୍ୟନ୍ତ ଯାଇଥିବା ରାସ୍ତା ପାର୍ଶ୍ୱ ପୂର୍ତ୍ତବିଭାଗ ଅଫିସ୍ ନିକଟସ୍ଥ ଛକରୁ ଖପରାପଦା ପାଣିପମ୍ପ ହାଉସ ପର୍ଯ୍ୟନ୍ତ ରାସ୍ତା ଅଣଓସାରିଆ ହୋଇଛି। ଦୀର୍ଘଦିନ ହେବ ଏହି ରାସ୍ତାକୁ ସମ୍ପ୍ରସାରଣ କରିବା ପାଇଁ ଲୋକ ଦାବି କରିଆସୁଥିଲେ ମଧ ପ୍ରଶାସନ କିମ୍ବା କୌଣସି ରାଜନେତା ଏଥିପ୍ରତି କର୍ଣ୍ଣପାତ କରୁ ନ ଥିବାରୁ ରବିବାର ଲୋକେ ଏକାଠି ହୋଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ପୂର୍ତ୍ତବିଭାଗ ଅଫିସ୍ ଛକରୁ ଖପରାପଦା ପାଣି ପମ୍ପ ହାଉସ ପର୍ଯ୍ୟନ୍ତ ଯାଇଥିବା ରାସ୍ତାଟି ଅତ୍ୟନ୍ତ ଅଣଓସାରିଆ। ଏହି ଅଞ୍ଚଳରେ ହଜାରେରୁ ଊର୍ଦ୍ଧ୍ୱ ଲୋକ ଘର ତିଆରି କରି ବସବାସ କରୁଛନ୍ତି। ଆମ୍ବୁଲାନ୍ସ, ଅଗ୍ନିଶମ ଗାଡ଼ି ଏହି ରାସ୍ତାରେ ଯିବା ସମ୍ଭବ ହୁଏ ନାହିଁ। ଅନ୍ୟପକ୍ଷରେ ମୋତିଗଞ୍ଜ ବଜାରକୁ ଯିବା ପାଇଁ ଏହା ଏକ ପ୍ରମୁଖ ବାଇପାସ୍ ରାସ୍ତା। ଫକୀରମୋହନ କଲେଜକୁ ଶତାଧିକ ଛାତ୍ରଛାତ୍ର ଏହି ରାସ୍ତାରେ ଯାଇଥାନ୍ତି। ଗୋଟିଏ ୪ ଚକିଆ ଯାନ ଗଲେ ଉକ୍ତ ରାସ୍ତାରେ ଆଉ ଗୋଟିଏ ବାଇକ୍ ପାରି ହେବା କଷ୍ଟକର। ଏହି ରାସ୍ତାକୁ ଲାଗି ପୂର୍ତ୍ତ ବିଭାଗର ପାଚେରି ରହିଛି। ପାର୍ଶ୍ୱରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଓ ଖୁଣ୍ଟି ବିପଦସଙ୍କୁଳ ଅବସ୍ଥାରେ ମଧ ରହିଛି। ବିଭିନ୍ନ ସମୟରେ ଲୋକେ ଛୋଟବଡ଼ ଦୁର୍ଘଟଣାର ସମ୍ମୁଖୀନ ହୋଇଥାନ୍ତି। ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ଏବଂ ବିଧାୟକ ସ୍ୱରୂପ କୁମାର ଦାସଙ୍କ ସହ ଲୋକେ ରାସ୍ତା ସମ୍ପ୍ରସାରଣ ସମ୍ପର୍କରେ ଆଲୋଚନା କରିବା ପରେ ବିଭାଗୀୟ ଅଧିକାରୀ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେବେ ବୋଲି କହିଥିଲେ। ମାତ୍ର ତାହା କେବଳ ପ୍ରତିଶ୍ରୁତିରେ ରହିଯାଇଛି। ଏ ସମ୍ପର୍କରେ ପୌର ଅଧିକାରୀ ଦାୟିତ୍ୱରେ ଥିବା ଉପ-ଜିଲାପାଳ ଆଶିଷ ଈଶ୍ୱର ପାଟିଲ୍‌ଙ୍କୁ ଅବଗତ କରାଯାଇଥିଲେ ମଧ କୌଣସି ସୁଫଳ ମିଳୁ ନାହିଁ। ଯଦି କୌଣସି ପଦକ୍ଷେପ ଗ୍ରହଣ କରା ନ ଯାଏ ସ୍ଥାନୀୟ ଲୋକେ 'ଜନଜାଗରଣ ସମିତି'ର ନେତୃତ୍ୱରେ ବ୍ୟାପକ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସମିତି ସଭାପତି ସନ୍ତୋଷ କୁମାର ସାହୁ, ସମ୍ପାଦକ ମହମ୍ମଦ ଇକ୍‌ବାଲ, ସିଭିଲ ସୋସାଇଟିର ସମ୍ପାଦକ ଅନ୍ତର୍ଯ୍ୟାମୀ ପ୍ରଧାନ, ସମାଜସେବୀ ଗୌରାଙ୍ଗ ପାଣିଗ୍ରାହୀ, ନିରଞ୍ଜନ କର, ଭବଶଙ୍କର ପାଣିଗ୍ରାହୀ, ମନୋରଞ୍ଜନ ଦାସ, ପରମାନନ୍ଦ ପଣ୍ଡା, ଗୌରୀ ପାଣିଗ୍ରାହୀ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ସଂକ୍ଷେପରେ

### ଖାଇବା ତେଲର କଳାବଜାର

ଖଇରା,୬।୩(ଡି.ଏନ.ଏ.)- ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଖଇରା,କୁପାରୀ, ଗଣ୍ଡିବେଡ,ତୁଡିଗଡିଆ,ଡୁଙ୍ଗୁରା ଇତ୍ୟାଦି ବଜାରରେ ଖାଇବା ତେଲର ଅହେତୁକ ମୂଲ୍ୟ ବୃଦ୍ଧି ଘଟିଛି। ଧାର୍ଯ୍ୟମୂଲ୍ୟଠାରୁ ୨୦ରୁ ୩୦ଟଙ୍କା ଅଧିକ ନିଆଯିବା କାରଣରୁ ଖାଉଟି ଦୁର୍ଦ୍ଦଶାର ସମ୍ମୁଖିନ ହେଉଥିବା ନେଇ ଅଭିଯୋଗ କରିଛନ୍ତି। ତୁରନ୍ତ ଯୋଗାଣ ବିଭାଗ ଏଥିପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଲୋକେ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି । ତେଲ ପ୍ୟାକେଟ ଉପରେ ୧୪୦ଟଙ୍କା ପ୍ରିଣ୍ଟ ଥିବା ବେଳେ କିଛି ଦୋକାନୀ ୧୭୦ଟଙ୍କା ନେଉଥିବା ଏବଂ ଆଉ କିଛି କମ୍ପାନୀର ରିଫାଇନ ତେଲ ଉପରେ ୧୪୨ଟଙ୍କା ଲେଖା ଥିବା ବେଳେ ୧୬୮ଟଙ୍କା ପର୍ଯ୍ୟନ୍ତ ନିଆଯାଉଥିବା ନେଇ ୨ଦିନ ଧରି ଖାଉଟିମାନେ ଅଭିଯୋଗ କରି ଆସୁଛନ୍ତି । ଏ ସମ୍ପର୍କରେ ବ୍ଲକ ଯୋଗାଣ ବିଭାଗ ଅଧିକାରୀ ନିରଞ୍ଜନ ସାହୁଙ୍କୁ ଯୋଗାଯୋଗ କରିବାରେ ବର୍ତ୍ତମାନ ପର୍ଯ୍ୟନ୍ତ ଉପରୁ କିଛି ଆଦେଶ ମିଳି ନ ଥିବାରୁ ଚଢ଼ାଉ କରାଯାଇ ନ ଥିବା କହିଛନ୍ତି ।

### ଯୋଗାସନ, ସାଧନା ଶିବିର

ଭଦ୍ରକ ଅଫିସ, ୬।୩-ଭଦ୍ରକ ଜିଲା ଚରମ୍ପା ନିକଟସ୍ଥ କନ୍ଦଡ଼ା ଆନନ୍ଦମାର୍ଗ ବିଦ୍ୟାଳୟଠାରେ ଆନନ୍ଦମାର୍ଗ ସଂସ୍ଥା ଆନୁକୂଲ୍ୟରେ ତ୍ରିଦିବସୀୟ ଯୋଗାସନ ଓ ସାଧନା ଶିବିର ଅନୁଷ୍ଠିତ ହୋଇଛି। ଆନନ୍ଦମାର୍ଗର ବରିଷ୍ଠ ସନ୍ନ୍ୟାସୀ ତଥା ଆନ୍ତର୍ଜାତିକ ଯୋଗ ପ୍ରଶିକ୍ଷକ ଆଚାର୍ଯ୍ୟ ପ୍ରିୟକୃଷ୍ଣାନନ୍ଦ ଅବଧୂତ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଆଚାର୍ଯ୍ୟ ମହାଦେବାନନ୍ଦ ଅବଧୂତ, ଆଚାର୍ଯ୍ୟ ମୁକ୍ତିଚେତସାନନ୍ଦ ଅବଧୂତ, ବିଶେଶ୍ୱରାନନ୍ଦ ଅବଧୂତ ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ଜିଲାରୁ ଆନନ୍ଦମାର୍ଗର ସାଧକ ଓ ସାଧିକାମାନେ ଶିବିରରେ ଅଂଶଗ୍ରହଣ କରିଥିଲେ। ଶିକ୍ଷକ ସନାତନ ବେହେରା ଅତିଥି ପରିଚୟ ଦେଇଥିଲେ। ସୁଧାକର ଗାହାଣ, କମଳାକାନ୍ତ ମହାପାତ୍ର, ଚିନ୍ମୟ ମହାନ୍ତି, ପ୍ରମୋଦ କୁମାର ଦାସ, ରାଜେଶ କର, ରମେଶ ସାହୁ, ହରେନ୍ଦ୍ର ମହାନ୍ତି, ସରସ୍ୱତୀ ଦେବୀ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

### କଟକ ରାଇଜିଂ ଷ୍ଟୁଡେଣ୍ଟ୍ସ ଚାମ୍ପିୟନ

ଉଦଳା, ୬।୩ (ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଉଦଳାର ନାଗପାଳ ଖେଳପଡିଆଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସତ୍ୟସ୍ୱରୂପ ମେମୋରିଆଲ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଖୋର୍ଦ୍ଧା ପୂର୍ବତଟ ରେଲୱେ ଟିମ୍‌କୁ ହରାଇ କଟକ ରାଇଜିଂ ଷ୍ଟୁଡେଣ୍ଟ୍ସ ଦଳ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ଦେବାଶିଷ ସାମନ୍ତରାୟ ଫାଇନାଲର ଶ୍ରେଷ୍ଠ ଖେଳାଳି, ସନ୍ଦୀପ ମୁଳିଆ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଏବଂ ରାମଚନ୍ଦ୍ର ବେହେରା ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଭାବେ ବିବେଚିତ ହୋଇଥିଲେ। ଉଦଳାର ଭବାନୀ ଦାସ ଶ୍ରେଷ୍ଠ ବୋଲର ଏବଂ ଅସିତ ସାହୁ ଉଦୀୟମାନ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ ଏସପି ରିଷିକେଶ ଡି. ଖିଲାରୀ, କପ୍ତିପଦା ଉପଖଣ୍ଡ ପୋଲିସ ଅଧିକାରୀ ସାର୍ଥକ ରାୟ, ଉଦଳା ଥାନା ଅଧିକାରୀ ନୀରଜ କୁମାର ସାମଲ ଯୋଗ ଦେଇ ଚାମ୍ପିୟନ ଏବଂ ରନର୍ସଅପ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ଉକ୍ତ ଟୁର୍ନାମେଣ୍ଟ ଆୟୋଜନରେ ଫେଣ୍ଡ୍ସ କ୍ଲବର ଚନ୍ଦନ ଦୀକ୍ଷିତ, ଲକ୍ଷ୍ମୀଧର ସାହୁ, ଅବିନାଶ ମହାପାତ୍ର, ମହେଶ୍ୱର ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

# ଧାନ ବିକି ନ ପାରି ଚାଷୀ ହତାଶ

ବନ୍ତ, ୬।୩ (ଡି.ଏନ.ଏ.)



ପଧାନପଡ଼ା ସେବା ସମବାୟ ସମିତି ଆଗରେ ଧାନ ବସ୍ତା ପଡ଼ି ରହିଛି।

■ଟାର୍ଗେଟ ନ ଥିବାରୁ ମଣ୍ଡିରେ କିଣା ଯାଇପାରୁନି

■ବାହାରେ ପଡ଼ି ନଷ୍ଟ ହେଉଛି

ଭଦ୍ରକ ଜିଲା ବନ୍ତ ବ୍ଲକର ବିଭିନ୍ନ ମଣ୍ଡିରେ ଟାର୍ଗେଟ ନ ଥିବାରୁ ଧାନ କିଣାଯାଇପାରୁ ନାହିଁ। ଫଳରେ ଶତାଧିକ ବସ୍ତା ଧାନ ବାହାରେ ପଡ଼ି ରହି ଖରାରେ ଶୁଖିବା ସହ ଧାନକୁ ଗୋରୁ ଖାଇ ଯାଉଥିବା ଦେଖାଯାଇଛି। ଧାନ ବିକି ନ ପାରି ଚାଷୀମାନେ ହତାଶ ହୋଇପଡ଼ିଛନ୍ତି। ଏପରିକି ବିଭିନ୍ନ ମଣ୍ଡିରେ ଚାଷୀମାନେ ପାଟିତୁଣ୍ଡ କରିବା ସହ ତୁରନ୍ତ ଧାନ କ୍ରୟ ପାଇଁ ଦାବି କରୁଛନ୍ତି।

ପ୍ରକାଶ ଯେ, ଗତ ଜାନୁୟାରୀ ୨ୟ ସପ୍ତାହରେ ବ୍ଲକର ବିଭିନ୍ନ ମଣ୍ଡିରେ ଧାନ କିଣା ଆରମ୍ଭ ହୋଇଥିଲା। ଏ ପରିପେକ୍ଷୀରେ ପଧାନପଡ଼ା ସେବା ସମବାୟ ସମିତିରେ ଜାନୁୟାରୀ ୧୭ଠାରୁ ଧାନ କିଣା ଯାଇଥିଲା। ଫେବୃୟାରୀ ୧ ସୁଦ୍ଧା ଉକ୍ତ ସମିତିକୁ ମୋଟ ୨୭ ହଜାର ୮୨୩ କୁଇଣ୍ଟାଲ ଧାନ କ୍ରୟ ଲାଗି ଟାର୍ଗେଟ ଆସିଥିଲା। ଏହାମଧ୍ୟରେ ଉକ୍ତ ସମିତିରେ ୨୭ ହଜାର ୩୯୬ କୁଇଣ୍ଟାଲ ଧାନ କିଣାଯାଇ ସାରିଛି। ଆଉ ଟାର୍ଗେଟ୍ ନ ଥିବାରୁ ମଣ୍ଡିରେ ଧାନ କ୍ରୟ ହୋଇପାରୁ ନାହିଁ। ଫଳରେ ମଣ୍ଡି ଆଗରେ ଶହ ଶହ ବସ୍ତା ଧାନ ଖରାରେ ପଡ଼ି ରହିଛି। ଆହୁରି ୧୫ ହଜାର କୁଇଣ୍ଟାଲ ଧାନ କିଣାଯିବା ନେଇ ଟାର୍ଗେଟର ଆବଶ୍ୟକତା ରହିଛି ବୋଲି ସମିତି ପକ୍ଷରୁ କୁହାଯାଇଛି। ସେହିପରି ଚାଇଁପୁର, ବସନ୍ତିଆ, ସେଣ୍ଠତୀରା, କେନ୍ଦୁଆପଦା ଆଦି ସମିତିରେ ଟାର୍ଗେଟ ନ ଥିବାରୁ ସମିତି ଆଗରେ ଧାନ ବସ୍ତାଗୁଡ଼ିକ ପଡ଼ି ରହିଛି। ମାର୍ଚ୍ଚ ଶେଷ ସୁଦ୍ଧା ଧାନ କିଣା ପ୍ରକ୍ରିୟା ଶେଷ ହେବାକୁ ଥିବାବେଳେ ରାଜ୍ୟ ସରକାର ତୁରନ୍ତ ସମସ୍ତ ସମିତିକୁ ଆବଶ୍ୟକତା ଅନୁସାରେ ଟାର୍ଗେଟ ପ୍ରଦାନ କରିବାକୁ ଚାଷୀମାନେ ଦାବି କରିଛନ୍ତି। ଅପରପକ୍ଷେ ରାଜ୍ୟ ଯୋଗାଣ ବିଭାଗ କମିଶନରଙ୍କ ନିର୍ଦ୍ଦେଶ କ୍ରମେ ସ୍କ୍ୱାଡ୍ ଓ ଅଧିକାରୀମାନେ ବିଭିନ୍ନ ମଣ୍ଡି ପରିଦର୍ଶନ କରି ତଦନ୍ତ କରୁଛନ୍ତି। ତଦନ୍ତ ପରେ ଟାର୍ଗେଟ ଦିଆଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଏ ସମ୍ପର୍କରେ ବ୍ଲକ ଯୋଗାଣ ଅଧିକାରୀ ଅଶୋକ କୁମାର ବେହେରାଙ୍କୁ ପଚାରିବାରୁ ଟାର୍ଗେଟ ମଗାଯାଇଛି ବୋଲି କହିଛନ୍ତି।

## ନୀଳଗିରି ମେଡିକାଲରେ କାୟାକଳ୍ପ ଟିମ୍



ଡାକ୍ତରଖାନା ପରିଦର୍ଶନରେ ଆସିଥିବା କାୟାକଳ୍ପ ଟିମ୍।

ସଜନାଗଡ଼,୬।୩(ଡି.ଏନ.ଏ.)

ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିଯୁକ୍ତ କାୟାକଳ୍ପ ଟିମ୍‌ର ୩ଜଣିଆ ସଦସ୍ୟ ରବିବାର ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ପରିଦର୍ଶନ କରି ଫେରିଛନ୍ତି। ଏହି ଟିମ୍ ଚିକିତ୍ସାଳୟରେ ସ୍ୱଚ୍ଛତା କାର୍ଯ୍ୟକ୍ରମ, ବର୍ଜ୍ୟବସ୍ତୁ ପରିଚାଳନା, ରୋଗୀସେବା ବ୍ୟବସ୍ଥା କିପରି ଚାଲିଛି ସେସବୁର ତଦାରଖ କରିଥିଲେ। ପରେ ବିଭିନ୍ନ ୱାର୍ଡ ପରିଦର୍ଶନ କରି ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ସହିତ ଆଲୋଚନା କରିଥିଲେ। ଏହି ପରିଦର୍ଶନ ସମୟରେ ବିଭିନ୍ନ କ୍ଷେତ୍ରରେ ତ୍ରୁଟି ବିଚ୍ୟୁତି ସମ୍ପର୍କରେ ଟିମ୍‌ର ଦୃଷ୍ଟିଗୋଚର କରାଯାଇଥିଲା। ଯଥା ଶବ ବ୍ୟବଚ୍ଛେଦ ଗୃହର ଭଙ୍ଗା ଦଦରା ଟେବୁଲ, ଫ୍ରୀଜର ଅକାମୀ ହୋଇ ପଡ଼ିବା ଓ ଶବ ରହୁଥିବା ଗୃହରେ ଦୁର୍ଗନ୍ଧ ହେଉଥିବା ନେଇ ଟିମ୍‌କୁ ଅବଗତ କରାଯାଇଥିଲା। ପରେ ଟିମ୍ ସଦସ୍ୟ ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀ ଓ କର୍ମଚାରୀମାନଙ୍କ ସହିତ ଆଲୋଚନା କରିଥିଲେ। ଏହି ଟିମ୍‌ରେ ଟି.ବି.ଓଡ଼ିଶାର ଡା. ଅର୍ଦ୍ଧ୍ୟ ପ୍ରଧାନ, ୟୁନିସେଫ ପକ୍ଷରୁ ଦୀପକ ବିଶ୍ୱାଳ, ଏନ୍ଏଚ୍ଏସ୍‌ର କନ୍‌ସଲ୍‌ଟାଣ୍ଟ ସନ୍ତୋଷ ନାୟକ ସାମିଲ ଥିଲେ। ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଦୁଲାଳସେନ ଜଗଦେବ, ନୀଳଗିରି ମେଡିକାଲର ଭାରପ୍ରାପ୍ତ ଏସ୍‌ଡିଏମ୍‌ଓ ଡା. ସରୋଜିନୀ ପ୍ରଧାନ, ଡିପିଏମ୍ ଅନୀଲ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ବିଭାଗ ପରିଦର୍ଶନ କରାଇଥିଲେ।

## ଟସର ଚାଷୀଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ




ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଢେଙ୍କିକୋଟ,୬।୩(ଡି.ଏନ.ଏ.)

କେନ୍ଦୁଝର ଜିଲା ଢେଙ୍କିକୋଟ ଟସର ସୋସାଇଟିରେ ଶନିବାର ପୂର୍ବାହ୍ନରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଗ୍ରାମାଞ୍ଚଳ ଟସର ଚାଷୀ ମାନଙ୍କୁ ରେଶମ ଜୀବ ଅଧିନିୟମ ଅନ୍ତର୍ଗତ ନିୟମାବଳୀ ସଚେତନ କାର୍ଯ୍ୟକ୍ରମ କରାଯାଇଛି। ଏଥି ନିମନ୍ତେ ସୋସାଇଟି ସଭାଗୃହରେ ସଭା ଆୟୋଜନ କରାଯାଇଥିଲା। କେନ୍ଦୁଝରେ ବୈଶିକ ସିଡ ମଲ୍ଟିପ୍ଲିକେସନ ଓ ଟ୍ରେନିଂ ସେଣ୍ଟରର ବୈଜ୍ଞାନିକ (ଡି.) ଡଃ ସୁବ୍ରତ ଶତପଥି ସଭାରେ ସଭାପତିତ୍ୱ କରିଥିବା ବେଳେ ଛତିଶଗଡ଼ ଟସର ସୋସାଇଟିର ବୈଜ୍ଞାନିକ ଡ. ପ୍ରଶାନ୍ତ କୁମାର କର ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ କେନ୍ଦ୍ରୀୟ ଟସର ଗବେଷଣା ସଂସ୍ଥାନ ରାଞ୍ଚିର ନିର୍ଦ୍ଦେଶକ ଡ. କେ ସତ୍ୟନାରାୟଣ, ସମ୍ମାନନୀୟ ଅତିଥି ଭାବେ କେନ୍ଦୁଝର ବନାଞ୍ଚଳ ଏସିଏଫ ଘନଶ୍ୟାମ ମହାନ୍ତ, ଭଗାମୁଣ୍ଡା ସିଲ୍କ ପାର୍କର ସମ୍ପାଦକ ଚିତ୍ତରଞ୍ଜନ ଛୋଟରାୟ, ଢେଙ୍କିକୋଟ ଟସର ସୋସାଇଟିର ପୂର୍ବତନ ସଭାପତି ପବିତ୍ର ମୋହନ ସିଂହ ପ୍ରମୁଖ ଯୋଗ ଦେଇଥିଲେ। ଟସର ସୋସାଇଟି ଅଧୀନରେ ଥିବା ଘଟଗାଁ ବ୍ଲକର ୨୭ ପଞ୍ଚାୟତରେ ଟସର ଚାଷୀ ମାନେ ଏହି ସଚେତନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଆସିଥିବା ସମସ୍ତ ପଦାଧିକାରୀ, ବୈଜ୍ଞାନିକ ଟସର ଚାଷ ବିଷୟରେ ପୁଙ୍ଖାନୁପୁଙ୍ଖ ବୁଝାଇ କମ ଖର୍ଚ୍ଚରେ ଅଧିକା ରୋଜଗାର ପନ୍ଥା ଟସର ଚାଷ ବୋଲି ଚାଷୀ ମାନଙ୍କୁ ବୁଝାଇଥିଲେ। ଚଳିତ ବର୍ଷ ଉକ୍ତ ଚାଷରେ ସର୍ବାଧିକ ଆୟ କରିଥିବା ଛତିଆ ଗ୍ରାମର ଚାଷୀ ହଟିଆ ନାୟକ ଏବଂ ରେଶମ ଚାଷରେ ସର୍ବାଧିକ ଆୟ କରିଥିବା ମନୋହରପୁର ପଞ୍ଚାୟତ ସୀତାବିଞ୍ଜି ଗ୍ରାମର କେଶବ ଚନ୍ଦ୍ର ମହାନ୍ତଙ୍କୁ ପୁରସ୍କାର ପ୍ରଦାନ କରି ସମ୍ମାନିତ କରାଯାଇଛି। ଶେଷରେ ବାରିପଦା ଟସର ସୋସାଇଟିର ବୈଜ୍ଞାନିକ (ଡି) ଡ. ମନୋଜ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ମହିଳାଙ୍କୁ ବଳାତ୍କାର: ଅଭିଯୁକ୍ତ ଗିରଫ

ରୂପ୍‌ସା,୬।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ରୂପ୍‌ସା ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଅପହରଣ କରି ବଳାତ୍କାର କରିଥିବା ଅଭିଯୁକ୍ତଙ୍କୁ ଶନିବାର ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଏହି ଥାନା ଅଧୀନ ରଣଜିତ ସିଂ (୬୦)। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା (ନଂ.୨୧/୨୨) ରୁଜୁ ହୋଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଯାଇଛି।ଗତ ୧୩ତାରିଖ ରାତିରେ ଅଭିଯୁକ୍ତ ରଣଜିତ ନିଜର ସହଯୋଗୀଙ୍କୁ ନେଇ ଉକ୍ତ ମହିଳାଙ୍କୁ ଘରୁ ଅପହରଣ କରି ସ୍ଥାନୀୟ ଶ୍ମଶାନରେ ବଳାତ୍କାର କରିଥିଲେ। ପରଦିନ ସକାଳେ ପୀଡିତା ମୁମୂର୍ଷୁ ଅବସ୍ଥାରେ ସେଠାରେ ପଡ଼ିଥିବା ଗାଁ ଲୋକେ ଦେଖିଥିଲେ। ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ବସ୍ତା ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେ ସୁସ୍ଥ ହୋଇ ଘଟଣା ସମ୍ପର୍କରେ ସବୁ କହିବା ପରେ ତାଙ୍କ ଝିଅ ଥାନାରେ ଅଭିଯୋଗ କରିଥିଲେ। ଥାନାଧିକାରୀ ସୁଚନ୍ଦ୍ର ମହାଲିକ ଓ ତଦନ୍ତ ଅଧିକାରୀ ସବ୍ୟସାଚୀ ମହାନ୍ତି ଅଭିଯୁକ୍ତଙ୍କ ଘରେ ଚଢ଼ାଉ କରି ଗିରଫ କରିବାରେ ସମର୍ଥ ହୋଇଥିବା ସୂଚନା ମିଳିଛି।

## ବାଲେଶ୍ୱର ଆଇଟି କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

ବାଲେଶ୍ୱର,୬।୩(ଡି.ଏନ.ଏ.)

ବାଲେଶ୍ୱର କମ୍ପ୍ୟୁଟର ଆସୋସିଏସନ ପକ୍ଷରୁ ସ୍ଥାନୀୟ ଜିଲା ସ୍କୁଲ ଷ୍ଟାଡ଼ିୟମରେ ରବିବାର ବନ୍ଧୁତ୍ୱପୂର୍ଣ୍ଣ ୧୧ତମ ଆଇଟି କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ବାଲେଶ୍ୱରରେ ଥିବା ସମସ୍ତ କମ୍ପ୍ୟୁଟର ଡିଲର ଏବଂ ସେମାନଙ୍କ କର୍ମଚାରୀମାନଙ୍କୁ ନେଇ ଏହି ଖେଳ ଆୟୋଜନ କରାଯାଇଥିଲା।

ଟୁର୍ନାମେଣ୍ଟରେ ଜେବ୍ରୋନିକ୍ସ, ଫ୍ରଣ୍ଟେକ୍, ପୁଣ୍ଡା ଓ ମାଇକ୍ରୋଟେକ୍ ଆଦି ୪ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳ ପୁଣ୍ଡା ଓ ମାଇକ୍ରୋଟେକ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପୁଣ୍ଡା ଟିମ୍ ବିଜୟୀ ହୋଇଥିଲା। ଏହି ଅବସରରେ ପ୍ରଶାନ୍ତ ମହାନ୍ତିଙ୍କୁ ମ୍ୟାନ ଅଫ ଦି ସିରିଜ ଭାବେ ପୁରସ୍କୃତ କରାଯାଇଥିବା ବେଳେ ଚିତ୍ତରଞ୍ଜନ ପାଣିଗ୍ରାହୀ ଶ୍ରେଷ୍ଠ ବୋଲର ଏବଂ ସୁଜିତ ଖିଲାର ଶ୍ରେଷ୍ଠ ଫିଲଡର ଭାବେ ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମରେ ଆସୋସିଏସନର ସଭାପତି ଅଶ୍ୱିନୀ ଦାସ ସଭାପତିତ୍ୱ କରିଥିବା ବେଳେ ସଂଗ୍ରାମ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଆସୋସିଏସନର ଅନ୍ୟ ସଦସ୍ୟ ରାଜକିଶୋର ରଥ, ବସନ୍ତ କର, ବିପ୍ଳବ ଦାସ, ଦିନେଶ ଖଣ୍ଡେଲୱାଲ, ସକିଲ ଅହମ୍ମଦ, ଜୀବନ ଦତ୍ତ, ସୋମଦେବ ରାଉତ, ଅମିତାଭ ଦାସ, ଜିତେନ୍ଦୁ ନାୟକ, ସାଗର ରାଉତ, ମାନସ ସାହୁ, ସତ୍ୟଜିତ ପରିଡ଼ା ପ୍ରମୁଖ ଟୁର୍ନାମେଣ୍ଟକୁ ପରିଚାଳନା କରିଥିଲେ।



ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## କେହି ଦାଖଲ କଲେନି ପ୍ରାର୍ଥୀପତ୍ର

ରାଇରଙ୍ଗପୁର, ୬।୩ (ଡି.ଏନ.ଏ.)

ପ୍ରାର୍ଥୀପତ୍ର ଦାଖଲର ୪ର୍ଥ ଦିନ ସୁଦ୍ଧା ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ପୌର ପରିଷଦର ଅଧ୍ୟକ୍ଷ ଏବଂ କାଉନସିଲର ପଦବୀରେ କେହି ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିନାହାନ୍ତି। ପୌର ପରିଷଦର ଅଧ୍ୟକ୍ଷ ପଦବୀ ସକାଶେ ବିଜେଡି, କଂଗ୍ରେସ ଓ ଭାଜପା ପ୍ରମୁଖ ଦଳୀୟ ଅଧ୍ୟକ୍ଷ, କାଉନସିଲର ଦଳୀୟ ପ୍ରାର୍ଥୀ ଅନ୍ତିମ ଦିନ ସୋମବାର ପ୍ରାର୍ଥୀପତ୍ର ଦାଖଲ କରିବେ ବୋଲି ଦଳ ପକ୍ଷରୁ ସୂଚନା ମିଳିଛି।

୧୯୯୨ରେ ରାଇରଙ୍ଗପୁର ପୌର ପରିଷଦ ଅଧ୍ୟକ୍ଷ ପଦବୀ ଲାଗି ପ୍ରତ୍ୟେକ୍ଷ ଭାବେ ଭୋଟର ମତଦାନ ସାବ୍ୟସ୍ତ କରିଥିଲେ। ୩୦ ବର୍ଷ ପରେ ମଧ୍ୟ ସିଧାସଳଖ ଅଧ୍ୟକ୍ଷ ଚୟନ ହେଉଥିବା ନେଇ ଭୋଟର ମହଲରେ ଉତ୍ସାହ ଦେଖାଯାଇଛି। ୧୯୬୪ରୁ ୧୯୯୦ ପର୍ଯ୍ୟନ୍ତ ଦୀର୍ଘ ୨୬ ବର୍ଷ ମଧ୍ୟରେ କଂଗ୍ରେସ ଦଳର ସ୍ୱର୍ଗତ ସୁନୀଲ ପଟ୍ଟନାୟକ ଲଗାତାର ୩ ଥର ଏହି ପୌର ପରିଷଦର ଅଧ୍ୟକ୍ଷ ଥିଲେ। ପରବର୍ତ୍ତୀ ସମୟରେ କଂଗ୍ରେସର ସ୍ୱର୍ଗତ କାଶୀନାଥ ଅଗ୍ରୱାଲ ଏବଂ ପରିମଳ ପଟ୍ଟନାୟକ ଉଭୟ ଅଧ୍ୟକ୍ଷ ରହିଥିଲେ। ୧୯୯୨ ପରେ ପୌର ନିର୍ବାଚନରେ ଭାଜପା ଦଖଲ କରି ସର୍ବପ୍ରଥମେ ରାଜକିଶୋର ଦାସ ଅଧ୍ୟକ୍ଷ ହୋଇଥିଲେ। ପରବର୍ତ୍ତୀ ସମୟରେ ଭାଜପାର ପ୍ରୀତିନନ୍ଦା କାନୁନଗୋ, ନବଚରଣ ମାଝି ଏବଂ ଶୈଳବାଳା ମହାନ୍ତ ଅଧ୍ୟକ୍ଷ ରହିଥିଲେ। ଚଳିତ ପୌର ନିର୍ବାଚନରେ ଶାସକ ବିଜେଡିର ଜଣେ ଯୁବ ସଂଗଠନ ନେତା ଅଭିଷେକ ପଟ୍ଟନାୟକ, କଂଗ୍ରେସ ପକ୍ଷରୁ ଯୁବନେତା ଭଜହରି ମହାନ୍ତ ଏବଂ ଭାଜପା ପକ୍ଷରୁ ଯୁବନେତା ନବୀନ କୁମାର ରାମ ଅଧ୍ୟକ୍ଷ ପଦବୀ ସକାଶେ ପ୍ରାର୍ଥୀ ହୋଇଥିବାରୁ ସହରାଞ୍ଚଳ ଭୋଟର ମହଲରେ ଚର୍ଚ୍ଚାର ବିଷୟ ହୋଇଛି। ପ୍ରକାଶ ଥାଉକି, ଚଳିତ ନିର୍ବାଚନରେ ପୌର ପରିଷଦର ୧୫ ୱାର୍ଡରେ ମୋଟ ୧୮,୯୪୧ ଭୋଟରଙ୍କ ମଧ୍ୟରୁ ୯୫୭୧ ମହିଳା ଏବଂ ୯୩୬୮ ପୁରୁଷ ସମେତ ଦୁଇଜଣ କିନ୍ନର ଭୋଟରଙ୍କ ମତଦାନ ପାଇଁ ୨୨ ବୁଥ୍ କରାଯାଇଛି। ଏହାବ୍ୟତୀତ ୩ ଆଦର୍ଶ ବୁଥ୍ ଏବଂ ଏକ ପିଙ୍କ ବୁଥ୍ କରାଯାଇଥିବା ପୌର ପରିଷଦର ପ୍ରଶାସକ ଧର୍ମେନ୍ଦ୍ର ଶତପଥୀ ସୂଚନା ଦେଇଛନ୍ତି।

## ୬ଶହ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ଖଇରା/ଔପଦା,୬।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ଔପଦା ବ୍ଲକ ଅଧୀନ ଫତେପୁର ହାଇସ୍କୁଲ ପରିସରରେ ରବିବାର ମାଗଣା ମେଗା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି । ପୁରାତନ ଛାତ୍ର ତଥା ପୂର୍ବତନ ଖୋର୍ଦ୍ଧା ଜିଲାପାଳ ନିରଞ୍ଜନ ସାହୁ ଏବଂ ନିରଞ୍ଜନ ମହାନ୍ତି ଏହାକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ଭୁବନେଶ୍ୱରରୁ ଆସିଥିବା ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତର ଯୋଗଦେଇ ୬ଶହ ରୋଗୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ପରେ ରୋଗୀଙ୍କୁ ଔଷଧ ବଣ୍ଟନ କରାଯାଇଥିଲା । ପୂର୍ବତନ ଶିକ୍ଷକ ନରହରି ମହାନ୍ତି ଓ ମନମୋହନ ପାଢୀ ଉପସ୍ଥିତ ଥିଲେ। ପୁରାତନ ଛାତ୍ର ସଙ୍ଗଠନ ଏବଂ ମୋ ସ୍କୁଲ ଅଭିଯାନ ପରିଚାଳନା ସଙ୍ଗଠନର ମିଳିତ ସହଯୋଗରେ ଏହି କାର୍ଯ୍ୟ ସମ୍ପର୍ଣ୍ଣ ହୋଇଥିଲା।

## ଫାଇନାଲରେ ସାଲନ୍ଦୀ କ୍ଲବ

### ହୃଦାନନ୍ଦ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ

ଭଦ୍ରକ ଅଫିସ,୬।୩

ଭଦ୍ରକ ନେହରୁ ଷ୍ଟାଡିୟମରେ ସୂର୍ଯ୍ୟଶିଖା କ୍ଲବ ଆନୁକୂଲ୍ୟରେ ଆୟୋଜିତ ହୃଦାନନ୍ଦ ମେମୋରିଆଲ ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୂର୍ଯ୍ୟଶିଖା କ୍ଲବକୁ ହରାଇ ସାଲନ୍ଦୀ କ୍ଲବ ଫାଇନାଲକୁ ଉନ୍ନୀତ ହୋଇଛି। ସୂର୍ଯ୍ୟଶିଖା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୪୮ ରନ୍ କରିଥିଲା। ସାଲନ୍ଦୀ ୧୮.୫ ଓଭରରେ ୪ ଉଇକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ରଞ୍ଜିତ କୁମାର ବାରିକଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ଶାରଦା ପ୍ରସନ୍ନ ମହାପାତ୍ର ଏବଂ ଖଗେଶ୍ୱର ମଲ୍ଲିକ ଅମ୍ପାୟାର ଭାବେ ମ୍ୟାଚ୍ ପରିଚାଳନା କରିଥିଲେ। ସୋମବାର ସାଲନ୍ଦୀ କ୍ଲବ ଓ ଇଷ୍ଟକୋଷ୍ଟ ରେଲୱେ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯିବ। ଏହାପରେ ମେଗା ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ ବୋଲି ସୂର୍ଯ୍ୟଶିଖା କ୍ଲବ ପକ୍ଷରୁ କୁହାଯାଇଛି।

## ପାରମ୍ପରିକ ବାଦ୍ୟକୁ ଅନୁମତି, ଜୁଆଖେଳ ନିଷିଦ୍ଧ

### ଗାଇଡ୍‌ଲାଇନରେ ହେବ ପତିରାଜପୁର ଦୋଳ ମେଳନ

ଖଇରା,୬।୩(ଡି.ଏନ.ଏ.)



ଅଧିକାରୀଙ୍କ ଉପସ୍ଥିତିରେ ମେଳା କମିଟି ପ୍ରସ୍ତୁତି ବୈଠକ।

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ପତିରାଜପୁର ଦୋଳ ମେଳନ ଚଳିତ ବର୍ଷ ସରକାରୀ ଗାଇଡଲାଇନରେ ପାଳିତ ହେବ। ଡିଜେକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିବା ବେଳେ ଠାକୁର ବିମାନ ସହ କେବଳ ପାରମ୍ପରିକ ବାଦ୍ୟ ନିଆଯାଇ ପାରିବ। ଚଳିତ ବର୍ଷ ଜୁଆ ଖେଳକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ନିଶା ଦ୍ରବ୍ୟ ବିକ୍ରି ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରବିବାର ଅପରାହ୍ନରେ ଖଇରା ତହସିଲଦାର ମହେନ୍ଦ୍ର କୁମାର ବେହେରା ଓ ଆଇଆଇସି ଗଣେଶ୍ୱର ପ୍ରଧାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ମେଳା କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। କମିଟିର ସ୍ଥାୟୀ ସଭାପତି ପୀତାମ୍ବର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ସାଧାରଣ ସମ୍ପାଦକ ଭରତ ଚନ୍ଦ୍ର ରାଉତ ପ୍ରାରମ୍ଭିକ ସୂଚନା ଦେଇଥିଲେ। ୧୮ତାରିଖ ରାତିରେ ଭିଡ଼ ନିୟନ୍ତ୍ରଣ ଓ ରଙ୍ଗ ଖେଳ ନିଷିଦ୍ଧ, ୩୦ତାରିଖରେ ଜଗନ୍ନାଥ ସଂସ୍କୃତି ଶିକ୍ଷା ଶିବିର ଓ ଜଗନ୍ନାଥଙ୍କ ଦଶାବତାର ବେଶ ପ୍ରଦର୍ଶନ,୨୫ରୁ ଗଣନାଟ୍ୟ ମଞ୍ଚସ୍ଥ ନେଇ ଆଲୋଚନା କରାଯାଇଥିଲା। ବୈଠକରେ ଗୌରାଙ୍ଗ ପାଣି,ନାରାୟଣ ପାତ୍ର, ନବ କିଶୋର କର, କ୍ଷେତ୍ର ମୋହନ ଖଟୁଆ, ରମେଶ ଘଡେଇ, ପ୍ରଦୀପ ସାମଲ,ଉଦ୍ଧବ ଘଡେଇ,ଗୋପୀନାଥ ଦାଶ, ନିର୍ମଳକାନ୍ତ ପଣ୍ଡା,ବିଶ୍ୱନାଥ ପୃଷ୍ଟି, ଯଦୁମଣି ନନ୍ଦ, ଭୀଷ୍ମ ଚରଣ ନାୟକ, ବାଳକୃଷ୍ଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

## ଯୁବ କୃଷକ ସଂଘର ଜିଲା ସମୀକ୍ଷା ବୈଠକ

ଖଇରା,୬।୩(ଡି.ଏନ.ଏ.)

ବାଲେଶ୍ୱର ଯୁବ କୃଷକ ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ରଟିଣା ଗ୍ରାମ ପଞ୍ଚାୟତ ଅଧୀନ ତୁମ୍ବାପଦୀ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି । କୃଷକ ସଂଘର ବ୍ଲକ ସଂଯୋଜକ ତଥା ଦରଦୀ ବନ୍ଧୁ ଫାଉଣ୍ଡେସନର ସଭାପତି ଗିତି ରଞ୍ଜନ ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ସଙ୍ଗଠନର ରାଜ୍ୟ ସଭାପତି ପ୍ରଭାକର ନାୟକ ଓ ଜିଲା ପର୍ଯ୍ୟବେକ୍ଷକ ସଞ୍ଜୟ କୁମାର ମୁଦୁଲି ମୁଖ୍ୟବକ୍ତା ଭାବେ ଯୋଗଦେଇ କୃଷକ ସଂଘ ମଜବୁତ ହେଲେ ଚାଷୀ ମେରୁଦଣ୍ଡ ସଳଖିବ ବୋଲି କହିଥିଲେ। ଜିଲା ସଙ୍ଗଠକ ନିମାଇ ଶଙ୍କର ରାୟ ଓ କାର୍ତ୍ତିକ ମାଝି,ଘନଶ୍ୟାମ ବିନ୍ଧାଣି,ଧରଣୀଧର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

## ତରଭୁଜ ଚାଷ ଦେଉଛି ରୋଜଗାର

କେନ୍ଦୁଝର, ୬।୩ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ତେଲକୋଇ ବ୍ଲକରେ ଖରା ଦିନରେ ତରଭୁଜ ଚାଷ ହୋଇଥାଏ। ଉକ୍ତ ଅଞ୍ଚଳର ଚାଷୀ ମାନେ ଆଖୁ ଚାଷ ଭଳି ତରଭୁଜ ଚାଷକୁ ଅର୍ଥ ଉପାର୍ଜନକାରୀ ଫସଲ ଭାବେ ଚାଷ କରିଆସୁଛନ୍ତି। ଆଇଟିଡିଏ ସହାୟତାରେ ଉକ୍ତ ବ୍ଲକର ଭୀମକାଣ୍ଡ ପଞ୍ଚାୟତର ଗୋଲାଗାଡିଆ ଗ୍ରାମର ଚାଷୀ ମାନେ ତରଭୁଜ ଚାଷ କରି ଚଳିତ ବର୍ଷ ଲକ୍ଷାଧିକ ଟଙ୍କା ଉପାର୍ଜନ କରିଛନ୍ତି। କୀର୍ତ୍ତି ସ୍ୱେଚ୍ଛାସେବୀ ସଙ୍ଗଠନର ସହଯୋଗରେ ଚାଷୀମାନଙ୍କୁ ସମସ୍ତ ସହାୟତା ଦେଇ ଏହି ଚାଷକୁ ପ୍ରୋତ୍ସାହିତ କରାଯାଇଛି। ଫଳରେ ଚାଷୀ ମାନେ ୨୦୧୯-୨୦ ଆର୍ଥିକ ବର୍ଷରେ ୫ ଏକର ଜମିରେ ଚାଷ କରି ଅଢେଇ ଲକ୍ଷ ଟଙ୍କା ଲାଭ କରିଥିବା ବେଳେ ଚଳିତ ବର୍ଷ ଉତ୍ସାହିତ ହୋଇ ୨୦୨୦-୨୧ରେ ଉକ୍ତ ଗ୍ରାମର ୩୪ ଜଣ ଚାଷୀ ୩୦ ହଜାର ଏକର ଜମିରେ ଏହି ଚାଷ କରିଛନ୍ତି । ସେମାନଙ୍କୁ ଆଇଟିଡିଏ ପକ୍ଷରୁ ବିହନ ଓ କୃଷି ବିଭାଗ ପକ୍ଷରୁ ବୈଷୟିକ ଜ୍ଞାନ ପ୍ରଦାନ କରାଯାଇ ଏହି ଚାଷ କରାଯାଇଥିବା କୀର୍ତ୍ତି ଅନୁଷ୍ଠାନର ରଞ୍ଜନ ପଟ୍ଟନାୟକ କହିଛନ୍ତି। ଚଳିତ ବର୍ଷ ଚାଷୀ ମାନେ ପ୍ରଥମ ପର୍ଯ୍ୟାୟରେ ଅଦ୍ୟାବଧି ୫ ଟ୍ରିପ ତରଭୁଜ ବିକି ଲକ୍ଷାଧିକ ଟଙ୍କା ଲାଭ କରିସାରିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଆଗାମୀ ୧୫ ଦିନ ମଧ୍ୟରେ ଅମଳ କରି ଏବଂ ବିକି ଅଧିକ ଲାଭ ପାଇ ପାରିବେ ବୋଲି କହିଛନ୍ତି।




ଅମଳ ତରଭୁଜକୁ ଗାଡ଼ିରେ ଲୋଡ୍ କରାଯାଉଛି।

